ବଲାଙ୍ଗିରରେ ଚତୁର୍ଥ ରାଷ୍ଟ୍ରିୟ ଲୋକ ଅଦାଲତ

ବଲାଙ୍ଗିର,୧୫।୧୨(ନି.ପ୍ର.): ବଲାଙ୍ଗିର ଜିଲ୍ଲା ନ୍ୟାୟାଳୟ ସମେତ, ଜିଲ୍ଲାରେ ଥିବା ସମସ୍ତ ତାଲୁକ ସ୍ତରରେ ଚଳିତ ବର୍ଷର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଅଛି । ଏହି ଲୋକ ଅଦାଲତରେ, ଜିଲ୍ଲା କୋର୍ଟ ପରିସରରେ ଜିଲ୍ଲା ନ୍ୟାୟାଳୟର, ଜିଲ୍ଲା ନ୍ୟାୟାଧିଶ ଡ. ପବିତ୍ରମୋହନ ସାମଲ, ବିମଲ କୁମାର ଚାନ୍ଦ ଚେୟାରମ୍ୟାନ, ପି ଏଲ୍ ଏ, (ପି ୟୁ ଏସ୍), ବିକ୍ରମ କେଶରୀ ପଟ୍ଟନାୟକ, ଜଜ୍ ଫ୍ୟାମିଲି କୋର୍ଟ, ହିମାଂଶୁ ଶେଖର ସିଂହ, ଅତିରିକ୍ତ ଜିଲ୍ଲା ଜଜ୍ ପ୍ରଥମ, ପ୍ରିୟ ରଂଜନ ମିଶ୍ର, ଅତିରିକ୍ତ ଜିଲ୍ଲା ଜଜ୍ ଦ୍ୱିତୀୟ, ମୁଖ୍ୟ ବିଚାର ବିଭାଗୀୟ ଅଧିକାରୀ, ସୁନନ୍ଦା ପାଢୀ, ରେଜିଷ୍ଟାର, ସିଭିଲ କୋର୍ଟ, ଶ୍ରୀଦୀପ୍ ମିଶ୍ର, ଆଶିଷ କୁମାର ସାହୁ ସିଭିଲ୍ ଜଜ୍ (ବରିଷ୍ଠ), କୁମୁଦ୍ ଆଚାର୍ଯ୍ୟ, ସିଭିଲ୍ ଜଜ୍ (ବରିଷ୍ଠ), (ଏଲ ଆର ଓ ଏଲ ଟି ଭି) ବୈଶାଳୀ ନାୟକ, ସିଭିଲ୍ ଜଜ୍ (ବରିଷ୍ଠ),ଶ୍ରୀମତୀ ଅଣ୍ଣପୂର୍ଣ୍ଣ ଷଡଙ୍ଗୀ, ଅତିରିକ୍ତ ସିଭିଲ୍ ଜଜ୍ (ବରିଷ୍ଠ), ଦୀପାରାଣୀ ଜେନା, (ଏସ ଡିଜି ଏମ), ସାସତୀ ମହାପାତ୍ର, ସିଭିଲ୍ ଜଜ୍ (କନିଷ୍ଠ), ଶ୍ରୀମତୀ ଲକ୍ଷ୍ମୀ ବେହେରାଛ ଜେ.ଏମ୍.ଏଫ୍.ସି., ପବ୍ଲିକ ପ୍ରୋସିକ୍ୟୁଟର (ଜିଲ୍ଲା ଜଜ୍ କୋର୍ଟ), ସୁବାଷ ଚନ୍ଦ୍ର ମହାନ୍ତ ଏବଂ ଜିଲ୍ଲା ବାରର ପ୍ରାୟ ସମସ୍ତ ଓକିଲ ମାନେ ଉପସ୍ଥିତ ଥିଲେ ଛ ଏହା ସହିତ ଜିଲ୍ଲା ର ବିଭିନ୍ନ ରାଜସ ଅଧିକାରୀ, ଜାତୀୟକରଣ ବ୍ୟାଙ୍କ, ଆର ଟି ଓ ଅନ୍ୟ ବିଭାଗ ମାନଙ୍କର କର୍ମଚାରୀ ମଧ ଏହିଲୋକ ଅଦାଲତରେ ଭାଗ ନେଇଥିଲେ । ପ୍ରାଧିକରଣର ଅଧକ୍ଷ ସାମଲଙ୍କ ନିର୍ଦ୍ଦେଶ କ୍ରମେ ବଲାଙ୍ଗିର ଜିଲ୍ଲା ସାସ୍ଥ୍ୟ ବିଭାଗ ସହଯୋଗରେ ଡା ନନ୍ଦ କିଶୋର ପାଢିଙ୍କର ପ୍ରତ୍ୟକ୍ଷ ତ୍ୱବାବଧାନରେ ସହର ସାସ୍ଥ୍ୟକେନ୍ଦ୍ର କର୍ମଚାରୀ, ଆଶା କର୍ମୀଙ୍କ ମାଧ୍ୟମରେ ପ୍ରାଧିକରଣ ପରିସରରେ ଉପସ୍ଥିତ ଥିବା ବ୍ୟକ୍ତିବିଶେଷ ମାନଙ୍କର ବିଭିନ୍ନ ସାସ୍ଥ୍ୟ ସମସ୍ୟା ପରୀକ୍ଷା କରାଯିବା ସହିତ ବଲାଙ୍ଗିର ଜିଲ୍ଲା କାରାଗାରର ଅନ୍ତେବାସୀ ମାନଙ୍କର ଉତ୍ସାହ ବୃଦ୍ଧି କରିବା ପାଇଁ ସେମାନଙ୍କ ଦ୍ୱାରା ତିଆରି କରାଯାଇଥିବା ବିଭିନ୍ନ ହସ୍ତତନ୍ତ୍ର ବସ୍ତ୍ର ଗୁଡିକର ଜିଲ୍ଲା କାରାଗାର କର୍ମଚାରୀଙ୍କ ଦ୍ୱାରା ବିକ୍ରି କରାଯାଇଥିଲା । ଉକ୍ତ ଲୋକ ଅଦାଲତକୁ ପବିତ୍ରାନନ୍ଦ ପ୍ରଧାନ, ସଚିବ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବଲାଙ୍ଗିର ପରିଚାଳନା କରିଥିଲେ । ଆଇନ ଶୃଙ୍ଖଳା ରକ୍ଷା କରିବାରେ ଜିଲ୍ଲା ପୋଲିସ ପ୍ରଶାସନ ସହୋଯୋଗ କରିଥିଲେ । ଏହି ରାଷ୍ଟ୍ରିୟ ଲୋକ ଅଦାଲତରେ ୩୫ଟି ଦେଓ୍ୱାନୀ ମକୋଦ୍ଦମା ଫଇସଲା ହୋଇଥିଲା ଛ୧୫ଟି ବ୍ୟାଙ୍କ ମକୋଦ୍ଦମାର ସମାଧାନ କରାଯାଇ ୪୩୮୩୧୪୬.୯ଟଙ୍କା ଦାଖଲ ହୋଇଥିଲା । ମଟର ଦୁର୍ଘଟଣା ଜନିତ ମାମଲାର ଫଇସଲା କରାଯାଇ ମୋଟ୍ ୮୧୩୮.୦୦/- ଦେବା ପାଇଁ ଆଦେଶ କରାଯାଇଥିଲା। ୪୫ ଟି ଫୌଜଦାରି ମକୋଦ୍ଦମା ଫଇସଲା କରାଯାଇଥିଲାଭି। ୪୫୫୨ଟି ରାଜସ୍ୱ ମାମଲାର ବିଚାର କରାଯାଇଥିଲା । ୬ଟି ପ୍ରାକ୍ ମକୋଦ୍ଦମା ମାମଲାର ସମାଧାର କରାଯାଇ ୮୬୮୬ ଟଙ୍କା ହୋଇଥିଲା।

ଶୀତରେ ଥରୁଛି ନୟାଗଡ଼

ନୟାଗଡ଼,୧୫।୧୨(ନି.ପ୍ର.): ନୟାଗଡ଼ ଜିଲ୍ଲାରେ ୩ ଦିନ ହେଲା ହାଡ଼ଭଙ୍ଗା ଶୀତ ଅନୁଭୂତ ହେଉଥିବା ବେଳେ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଅପରାହ୍ନରୁ ଶୀତର ପ୍ରକୋପ ବଢୁଥିବା ବେଳେ ରାତି ୯ଟା ପରେ ଗାଁ ଠାରୁ ସହର ନିସ୍ତବ୍ଧ ହୋଇଯାଉଛି। ଦିନକୁ ଦିନ ପାରଦ ଖସୁଥିବା ବେଳେ ଶୀତର ପ୍ରକୋପ ବଢୁଥିବା ଲକ୍ଷ୍ୟ କରାଯାଉଛି। ଏଥି ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଜୀବନ ଜୀବିକା ଗୁରୁତର ଭାବେ ପ୍ରଭାବିତ ହୋଇଛି। ହଠାତ ଶୀତ ବଢିବା ଫଳରେ ଛୋଟ ପିଲାମାନଙ୍କ ସହ ବୟସ୍କ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଛି। ଏପରିକି, ଗୃହପାଳିତ ପଶୁ ମଧ୍ୟ ପ୍ରଭାବିତ ହୋଇଛନ୍ତି। ଅତ୍ୟଧିକ ଥଣ୍ଡା କାରଣରୁ ଲୋକମାନେ ଶୀତବସ୍ତ୍ର ପରିଧାନ କରି ଯାତାୟତ କରିବା ସହ ବିଭିନ୍ନ ସ୍ଥାନରେ ଲୋକମାନେ ନିଆଁ ପୋଉଁ ଥିବା ଦେଖିବାକୁ ମିଳିଛି।

ସାମାନ୍ୟ ଗଞ୍ଜେଇ ଟାଣିବାକୁ ନେଇ ଗୋଷ୍ଠି ସଂଘର୍ଷ’ : ୫ ଜଣ ଲହୁ ଲୁହାଣ

ବଲାଙ୍ଗିର,୧୫।୧୨(ନି.ପ୍ର.): ସାମାନ୍ୟ ଗଞ୍ଜେଇ ଟାଣିବାକୁ କେନ୍ଦ୍ରକରି ବଲାଙ୍ଗିର ସଦର ଥାନା ଅନ୍ତର୍ଗତ ପଥରଚେପା ଗାଁରେ ଗୋଷ୍ଠୀ ସଂଘର୍ଷ ପରିସ୍ଥିତି ଉପୁଜିଛି। ନିଶାସକ୍ତମାନେ ଉଭ୍ୟକ୍ତ ହୋଇ ଏକ ଘର ଜାଳିଦେବା ସହ ଆକ୍ରମଣରେ ଦୁଇପକ୍ଷର ୫ଜଣ ଲହୁଲୁହାଣ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଅଜିତ ମିର୍ଦ୍ଧା, ରମାକାନ୍ତ ମିର୍ଦ୍ଧା, ହୀରାଲାଲ ଜଗଦଲା, ମମତା ଜଗଦଲା ଏବଂ ସୁନୀଲ ଜଗଦଲା ରହିଛନ୍ତି । ଆହତମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ବିଳମ୍ବିତ ରାତିରେ ତାଙ୍କୁ ଚୁର୍ଲା ସ୍ଥାନାନ୍ତର କରାଯାଇଛି । ତେବେ ଆକ୍ରମଣକାରୀ ଏବଂ ଆହତମାନେ ସ୍ଥାନୀୟ ଅଞ୍ଚଳର ଅଟନ୍ତି । ସୂଚନାଯୋଗ୍ୟ ଯେ, ଗତ କାଲି ସଂଧ୍ୟାରେ କେତେଜଣ ଯୁବକ ଜଗଦଲା ପରିବାର ବ୍ୟବହାର କରୁଥିବା ଏକ ଚାଳଛପର ଘର ପଛପଟେ ବସି ଗଞ୍ଜେଇ ଟାଣୁ ଥିଲେ। କାଳେ ନିଆଁ ଘରକୁ ଲାଗିଯିବ, ସେଥିପାଇଁ ଘରର ମହିଳାମାନେ ସେମାନଙ୍କୁ ମନା କରିଥିଲେ। ଏହାକୁ ନେଇ ପାଟିତୁଣ୍ଡ ହୋଇଥିଲା । ସଂପୃକ୍ତ ଯୁବକମାନେ ସେଠାରୁ ଚାଲିଯାଇ କିଛିସମୟ ପରେ ପୁଣି ଫେରିଥିଲେ ଏବଂ ମାରଣାସ୍ତ୍ରରେ ଆଖିବୁଜି ଆକ୍ରମଣ କରିଥିଲେ। ଏଥିରେ ଜଣେ ଶିଶୁ, ବୃଦ୍ଧା ସହ ସମୁଦାୟ ୫ଜଣ ଲହୁ ଲୁହାଣ ହୋଇଥିଲେ। ଅବଶ୍ୟ ଉଭୟ ପଟରୁ ମାରପିଟ ହେବାପରେ ନିଶାସକ୍ତ ଆକ୍ରମଣକାରୀମାନେ ଘରେ ନିଆଁ ଲଗାଇଦେଇ ସେଠାରୁ ଫେରାର ମାରିଥିଲେ। ପରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ସ୍ଥାନୀୟ ଲୋକଙ୍କ ସହଯୋଗରେ ଆହତମାନଙ୍କୁ ଉଦ୍ଧାରକରି ଭୀମଭୋଇ ମେଡ଼ିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେପଟେ ଗୋଷ୍ଠୀ ସଂଘର୍ଷ ସମ୍ପର୍କରେ ଖବରପାଇ ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ଶକ୍ତି ସଂରକ୍ଷଣ ଦିବସ ପାଳିତ

ନୂଆଗାଁ,୧୫।୧୨(ନି.ପ୍ର.): ନୟାଗଡ ଜିଲ୍ଲା ନୂଆଗାଁ ବ୍ଲକ୍ ସଦରମହକୁମା ରେ ଥିବା ନୂଆଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ତରଫରୁ ବ୍ଲକ୍ ସ୍ତରୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ନୂଆଗାଁ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଭୀମସେନ ଦାସଙ୍କ ତତ୍ତ୍ୱାବଧାନରେ ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ବିଦ୍ୟାଳୟ ପରିସରରୁ ଏକ ରାଲିରେ ବାହାରି ବଜାର, ଗ୍ରାମ ପରିକ୍ରମା କରି ସ୍ଲୋଗାନ ମାଧ୍ୟମରେ ଲୋକମାନଙ୍କୁ ସଚେତନ କରିଥିଲେ। ନୂଆଗାଁ ପୁଲିସ ସହଯୋଗ କରିଥିଲେ।

ଦେବଗଡ଼ରେ ପଞ୍ଚମବେଦର ନାଟକ ମଞ୍ଚସ୍ଥ

ଭୁବନେଶ୍ୱର,୧୫।୧୨(ନି.ପ୍ର.): ଗତ ଡ଼ିସେମ୍ବର ୧୨ ତାରିଖରେ ଜାଗରଣ ଇଣ୍ଟରନେସନାଲ, ଦେବଗଡ଼ ଦ୍ୱାରା ଆୟୋଜିତ ୨୦ ତମ ସର୍ବଭାରତୀୟ ବହୁଭାଷୀ ନାଟକ ଓ ନୃତ୍ୟ ମହୋତ୍ସବ ୨୦୨୪ ର ଦ୍ୱିତତୀୟ ସନ୍ଧ୍ୟାରେ ଟାଉନ ହଲ୍, ଦେବଗଡ଼ ଠାରେ ଲୋକପ୍ରିୟ ନାଟ୍ୟନୁଷ୍ଠାନ ପଞ୍ଚମବେଦର ବହୁ ଚର୍ଚ୍ଚିତ ନାଟକ ଅବସର ମଞ୍ଚସ୍ଥ ହୋଇ ଦର୍ଶକମାନଙ୍କ ପ୍ରଶଂସାଭାଜନ ହୋଇପାରିଛି । ଏହି ନାଟକଟି ସମ୍ପୁର୍ଣ୍ଣ ପାରିବାରିକ ହୋଇଥିବା ବେଳେ ଆଜିକାଲି ପରିବାର ମଧ୍ୟରେ ଥିବା ବୟସ୍କ ବ୍ୟକ୍ତିଙ୍କୁ କିପରି ଅଣଦେଖା, ହତାଦାର କରାଯାଇଛି ତାହା ନାଟକ ମାଧ୍ୟମରେ ଦର୍ଶାଯାଇଛି ଏବଂ ତାର ପ୍ରତିକାର ସ୍ୱରୂପ ବରିଷ୍ଠ ନାଗରିକ ମାନଙ୍କୁ ପରିବାରରେ ଓ ସମାଜରେ ଉପଯୁକ୍ତ ସମ୍ମାନ ଦେବାପାଇଁ ବାର୍ତ୍ତା ପ୍ରେରଣ କରାଯାଇଥିଲା । ଏହି ନାଟକର ନାଟ୍ୟକାର ହର ବାରିକ ରଚନା କରିଥିବା ବେଳେ ନିର୍ଦ୍ଦେଶନା ହରେନ୍ ସାହୁ ଦେଇଛନ୍ତି । ସେହିପରି ସଙ୍ଗୀତରେ ବିନୟ ଦାଶ, ସଂଯୋଜନା ଏବଂ ମୁଖ୍ୟ ବ୍ୟବସ୍ଥାପକ ଭାବେ ପ୍ରକାଶ ମହାରଣା, ଆଲୋକରେ ଜଗନ୍ ମାଝୀ, ମଞ୍ଚ ପ୍ରଶାନ୍ତ ସ୍ୱାଇଁ ଓ ମଞ୍ଚ ପରିଚାଳନା କରିଥିଲେ ସୁରେନ୍ଦ୍ର ଗୌଡ଼(ଚୁଲୁ ଭାଇ) ଏବଂ ଅଭିମନ୍ୟୁ ସେଠିଛ ବିଭିନ୍ନ ଭୂମିକାରେ ମୁକ୍ତିକାନ୍ତ ମହାପାତ୍ର, ନଟବର ଆଚାର୍ଯ୍ୟ, ରଘୁନାଥ ବେହେରା, ଜ୍ଞାନେନ୍ଦ୍ର ଶତପଥୀ, ମହେନ୍ଦ୍ର ଶତପଥୀ, ଦୀପକ ମହାପାତ୍ର, ବ୍ୟାସଦେବ ଚୌହାନ, ଅଭିମନ୍ୟୁ ସେଠି, ତାପସ ଦାଶ, ମମତା ମହାନ୍ତି, ଶ୍ୱେତା ରଥ, ରାଜଲକ୍ଷ୍ମୀ ମିଶ୍ର ଓ ଶିଶୁ କଳାକାର ଅଭିମାନ ସାଇ ସ୍ୱରୂପ ଅଭିନୟ କରିଥିଲେ ।

ବିଜୁ ଯୁବ ଛାତ୍ର ଜନତା ଦଳର ଡିଜିଟାଲ ସଦସ୍ୟତା ଅଭିଯାନ ପାଇଁ ପ୍ରସ୍ତୁତି ବୈଠକ

ନୂଆଗାଁ,୧୫।୧୨(ନି.ପ୍ର.): ବ୍ଲକ୍ ସଦରମହକୁମାରେ ଥିବା ବିଜୁ ଯୁବ ଭବନ ଠାରେ ବିଜୁ ଯୁବ ଛାତ୍ର ଜନତା ଦଳର ଡିଜିଟାଲ ସଦସ୍ୟତା ଅଭିଯାନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ, ଦଶପଲ୍ଲା ତଥା ଜିଲ୍ଲା ବିଜେଡି ସଭାପତି, ନୟାଗଡ଼ ରମେଶ ଚନ୍ଦ୍ର ବେହେରା ଯୋଗଦେଇ କିପରି ଡିଜିଟାଲ ମାଧ୍ୟମରେ ସଭ୍ୟ ସଂଗ୍ରହ ଅଧିକରୁ ଅଧିକ କିପରି ହୋଇ ପାରିବ ସେ ଉପରେ ବିସ୍ତୃତ ଭାବେ ବୁଝାଇଥିଲେ। ସମ୍ମାନିତ ଅତିଥି ଭାବେ ନୂଆଗାଁ ବ୍ଲକ୍ ଅଧକ୍ଷା ଙ୍କ ପ୍ରତିନିଧି ଶଙ୍କର୍ଷଣ ବେହେରା, ଜିଲ୍ଲା ବିଜେଡି ଉପସଭାପତି ଦିଲ୍ଲୀପ କୁମାର ଦଳବେହେରା, ବିଜୁ ଯୁବ ଜନତା ଦଳ ଭୁବନେଶ୍ୱର ଜୋନ୍ ସଭାପତି ବିଜୟ କେତନ ସାହୁ, ନୟାଗଡ଼ ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ଯୁଧିଷ୍ଠିର ବେହେରା, ଜିଲ୍ଲା ଛାତ୍ର ବିଜେଡି ସଭାପତି ନୀଳମାଧବ ପଣ୍ଡା, ଜିଲ୍ଲା ସୋସିଆଲ ମିଡ଼ିଆ ସଂଯୋଜକ, ବ୍ଲକ୍ ବିଜୁ ଯୁବ ଜନତା ଦଳ ସଭାପତି ଶୁଭ୍ରାଂଶୁ ଶେଖର ସେନାପତି , ବିଜୁ ଯୁବ ଜିଲ୍ଲା ସଂପାଦକ ଗୋଲକବିହାରୀ ଗୋଚ୍ଛାୟତ, ଗଣିଆ ଯୁବ ସଭାପତି ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ୍ ଛାତ୍ର ବିଜେଡି ସଭାପତି ସୁବ୍ରତ ପରିଡ଼ା ଧନ୍ୟବାଦ୍ ଅର୍ପଣ କରିଥିଲେ ।

ଉଦଳା କଲେଜ ଉଦ୍ଭିଦ ବିଜ୍ଞାନ ବିଭାଗର ପାଠଚକ୍ର



ଉଦଳା/ଖୁଣ୍ଟା, ୧୫।୧୨ (ନି.ପ୍ର.): ଉଦଳା ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗରେ କବକ ବିବିଧତା, ମହତ୍ତ୍ୱ , ଏହା ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ସଂକ୍ରାନ୍ତୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଧକ୍ଷ ଡଃ ଯତୀନ କୁମାର ମହାକୁଡ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପାଠଚକ୍ର କିପରି ପିଲାମାନଙ୍କର ବିଷୟ ସମ୍ବନ୍ଧୀୟ ଜ୍ଞାନକୁ ବୃଦ୍ଧିରେ ସହାୟକ ହୋଇପାରିବ, ତାହା ବିଷୟରେ ଅବଗତ କରାଇଥିଲେ । ବିଭାଗୀୟ ମୁଖ୍ୟା ସୁଧା ସାବିତ୍ରୀ ପଣ୍ଡା ଜଙ୍ଗଲ କ୍ଷୟ, ଗ୍ଲୋବାଲ ୱାର୍ମିଂ ଯୋଗୁଁ ମାଇକୋରାଜାଲ ଫଙ୍ଗସ୍ ମାନଙ୍କର ସଂଖ୍ୟା କମି ଯାଉଛି, ଯାହାକି ମୃତ୍ତିକା ଉର୍ବରତା ହ୍ରାସ ହେବାର ମୁଖ୍ୟ କାରଣ ବିଷୟରେ ଅବଗତ କରାଇଥିଲେ । ପ୍ରାଣୀ ବିଜ୍ଞାନର ଅଧ୍ୟାପକ ମଧୁସୂଦନ ମୁର୍ମୁ ଯୋଗ ଦେଇ କବକର ଉପକାରିତା ବିଷୟରେ ଆଲୋକପାତ କରିଥିଲେ । ବିଭାଗୀୟ ଅଧ୍ୟାପକ ସୁବ୍ରତ ସାହାଣୀ ଅସୁରକ୍ଷିତ ଜଳବାୟୁ ପ୍ରଭାବରେ ରୋଗ ସୃଷ୍ଟିକାରୀ କବକମାନଙ୍କର ସଂଖ୍ୟା ବଢିବାରେ ଲାଗିଛ ଏବଂ ବହୁ ସଂକ୍ରାମକ ରୋଗଗୁଡିକ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ସମ୍ୟକ ଧାରଣା ପ୍ରଦାନ କରିଥିଲେ । ଏହି ଅବସରରେ ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ର ଜୟନାରାୟଣ ଗିରି, ଛାତ୍ରୀ ଧରିତ୍ରୀ ସିଂ, ଲୋପାମୁଦ୍ରା ବେହେରା, ପ୍ୟାର ପଏଣ୍ଟ ମାଧ୍ୟମରେ ପାଠ୍ୟଚକ୍ର ସନ୍ଦର୍ଭ ପାଠ କରିଥିଲେ । ଶେଷରେ ପାଠଚକ୍ରର ପ୍ରତିନିଧି ଧନ୍ୟବାଦ ଅର୍ପଣ କରିଥିଲେ ।

ଜାତୀୟ ଯୁବ ଉତ୍ସବ-୨୦୨୫ ପାଇଁ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା

ବଲାଙ୍ଗିର,୧୫।୧୨(ନି.ପ୍ର.): ଜାତୀୟ ଯୁବ ଉତ୍ସବ- ୨୦୨୫ ନିମନ୍ତେ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଜିଲ୍ଲା ସଂସ୍କୃତି ପରିଷଦ, ବଲାଙ୍ଗୀର ଆନୁକୂଲ୍ୟରେ ସ୍ଥାନୀୟ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ ଯୁବ ଉତ୍ସବ ତଥା ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି। ବଲାଙ୍ଗୀର ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ବିଜୟାନନ୍ଦ ସେଠୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହାକୁ ଉଦଘାଟନ କରିଥିବା ବେଳେ ଡିଆଇପିଆରଓ ସରୋଜ କୁମାର ସାହୁ ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମୀରଞ୍ଜନ ମିଶ୍ର ଉଦଘାଟନୀ ସମାରୋହକୁ ପରିଚାଳନା କରିଥିଲେ। ଉଭୟ ହିନ୍ଦୀ ଓ ଇଂରାଜୀରେ କବିତା ଲିଖନ, ଗଳ୍ପ ଲିଖନ, ବକ୍ତୃତା ପ୍ରଦାନ ସହ ଚିତ୍ରକଳା, ଏକକ ଓ ଦଳଗତ ଲୋକନୃତ୍ୟ ତଥା ଏକକ ଓ ଦଳଗତ ଲୋକଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲାଛଇଂରାଜୀ ବକ୍ତୃତାରେ ବଲାଙ୍ଗୀର ପୌରାଞ୍ଚଳର ବ୍ୟୋମକେଶ ଦତ୍ତ ତ୍ରିପାଠୀ, ହିନ୍ଦୀରେ ଗ୍ରେସି କ୍ରିଷ୍ଟିନା କୁମାର, ସେହିପରି କବିତା ଲିଖନ ଇଂରାଜୀରେ ବଲାଙ୍ଗୀର ପୌରାଞ୍ଚଳର ସିଞ୍ଚନ ପାଣିଗ୍ରାହୀ ଓ ହିନ୍ଦୀରେ ଲୋଇସିଂହା ବ୍ଲକର ସ୍ୱୟଂପ୍ରଭା ରାୟ ସାମନ୍ତ, ଗଳ୍ପ ଲିଖନ ଇଂରାଜୀରେ ଲୋଇସିଂହା ବ୍ଲକର ଚିନ୍ମୟୀ ଚାଟାର୍ଜୀ ଓ ହିନ୍ଦୀରେ ବଲାଙ୍ଗୀର ପୌରାଞ୍ଚଳ ର ଆକାଶ ପତି, ଚିତ୍ରାଙ୍କନ ରେ ଦେଓଗାଁ ବ୍ଲକର ଶୁଭମ ସେଠ,ଏକକ ଲୋକଗୀତରେ ରୋନକ ମହାନ୍ତି ଓ ଦଳଗତ ଲୋକଗୀତରେ ବଲାଙ୍ଗୀର ପୌରାଞ୍ଚଳ ,ଏକକ ଲୋକନୃତ୍ୟ ରେ ଚନ୍ଦ୍ରକାନ୍ତ ବାଗ ଓ ଦଳଗତ ଲୋକନୃତ୍ୟ ରେ ବଲାଙ୍ଗୀର ପୌରାଞ୍ଚଳ ର ପ୍ରତିଭାଗୀ ମାନେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି ।

ବିଭିନ୍ନ ପ୍ରତିଯୋଗିତାର ବିଚାରକ ଭାବରେ ବିଥିକା ଚାଟାର୍ଜୀ, ନବୀନ କିଶୋର କୁଅଁର, ଶୁଭ୍ରାଂଶୁ ଶେଖର ମିଶ୍ର, ସନାତନ ଠାକୁର, ସନ୍ଦୀପ କୁମାର କୁଅଁର, ପ୍ରଶାନ୍ତ ଖମାରୀ, ସତ୍ୟାନନ୍ଦ ବିଶ୍ୱାଳ, ନରେନ୍ଦ୍ରନାଥ ମିଶ୍ର, ଡକ୍ଟର ଅଶ୍ୱିନୀ କୁମାର ରଥ, ଗୋପାଳ ପ୍ରଧାନ, ଦିଲ୍ଲିପ ସିଂହଦେଓ, ଲିଲି ପାଢୀ, ପ୍ରତିମା ଯୋଷୀ,ପ୍ରମୋଦ କୁମାର ବାଗ, ଧନେଶ୍ୱର ତାଣ୍ଡି, ଶ୍ରାବଣୀ ମେହେର ଓ ଚନ୍ଦନା ସିଂ ଯୋଗଦେଇଥିଲେ। ଉଦଯାପନୀ ସମାରୋହରେ ସମସ୍ତ ପ୍ରତିଯୋଗୀଙ୍କୁ ବଲାଙ୍ଗୀର ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ବିଜୟାନନ୍ଦ ସେଠୀ ପୁରସ୍କୃତ କରିଥିଲେ।

DCB BANK

ପଞ୍ଜୀକୃତ କାର୍ଯ୍ୟାଳୟ : ଷଷ୍ଠ ମହଲା, ଟାୱାର ଏ, ପେନିନସୁଲା ବିଜନେସ ପାର୍କ, ସେନାପତି ବାପତ୍ ମାର୍ଗ, ଲୋୟର ପ୍ୟାରେଲ, ମୁମ୍ବାଇ-୪୦୦୦୧୩

ଦଖଲ ବିଜ୍ଞପ୍ତି

ନିମ୍ନ ସ୍ୱାକ୍ଷରକାରୀ ଡିସିବି ବ୍ୟାଙ୍କ ଲିମିଟେଡ୍‌ର କ୍ଷମତାପ୍ରାପ୍ତ ଅଧିକାରୀ ହୋଇଥିବାରୁ ସିକ୍ୟୁରିଟି ଇଣ୍ଟରେଷ୍ଟ ଆଇନ (୨୦୦୨ର ୫୪)ର ଫାଇନାନ୍ସିଆଲ ଆସେଟ୍ସ ଏବଂ ଏନଫୋର୍ସମେଣ୍ଟର ସିକ୍ୟୁରିଟାଇଜେସନ ଏବଂ ରିକନଷ୍ଟ୍ରକସନ ଅନୁଯାୟୀ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ପାଠ କରାଯାଇ ଧାରା ୧୩ (୧୨) ଅନୁଯାୟୀ କ୍ଷମତାପ୍ରାପ୍ତ ହୋଇ ଡିମାଣ୍ଡ ନୋଟିସ ଜାରି କରାଯାଇଥିଲା, ସେଥିରେ ଋଣଗ୍ରହୀତା (ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତା)ମାନଙ୍କୁ କୁହାଯାଇଥିଲା ଯେ, ଉକ୍ତ ନୋଟିସ ପ୍ରାପ୍ତି ହେବାର ୬୦ ଦିନ ମଧ୍ୟରେ ଉକ୍ତ ନୋଟିସରେ ଉଲ୍ଲେଖ ଥିବା ରାଶି ଯାହା ନିମ୍ନରେ ଟେବୁଲାର ଫର୍ମରେ ଦିଆଯା